**Term End Examination - December 2018**

**Program Title: ଓଡ଼ିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ (DOLC)**

**Course Title : ବ୍ୟାବହାରିକ ବ୍ୟାକରଣ**

**Course Code: DOLC -02**

ସମୟ : ୩ ଘଣ୍ଟା
ପୂର୍ଣ୍ଣସଂଖ୍ୟା :୧୦୦

'କ' ବିଭାଗରୁ ସମସ୍ତ ପ୍ରଶ୍ନର ଉତ୍ତର, 'ଖ' ବିଭାଗରୁ ଯେକୌଣସି ୪ଟି ପ୍ରଶ୍ନର ଉତ୍ତର, 'ଗ' ବିଭାଗରୁ ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଓ 'ଘ' ବିଭାଗରୁ ଯେକୌଣସି ୨ଟି ପ୍ରଶ୍ନର ଉତ୍ତର ଲେଖ।

'କ' ବିଭାଗ

ପ୍ରତ୍ୟେକ ପ୍ରଶ୍ନରୁ ଗୋଟିଏ ଲେଖାଏଁ ସଠିକ୍ ଉତ୍ତର ବାଛ।

ପ୍ରଶ୍ନ -୧: ୧x୧୦=୧୦

(କ) ବାକ୍ୟ କାହାକୁ କୁହାଯାଏ ?

(କ) ଯାହା ଦ୍ଵାରା ମନର ଭାବ ପ୍ରକାଶ ହୁଏ।

(ଖ) କେତେ ଗୁଡ଼ିଏ ପଦ ସମ୍ମଳିତ ହୋଇ ପୂର୍ଣ୍ଣ ଅର୍ଥ ପ୍ରକାଶ କରିବାରେ ସମର୍ଥ ହେଲେ।

(ଗ) ପଦର ସମ୍ମେଳନରେ।

(ଘ) ଉଦ୍ଦେଶ୍ୟ ଓ ବିଧେୟ ଏକତ୍ର ହେଲେ।

(ଖ) ବାକ୍ୟରେ ଆକାଂକ୍ଷା କାହାକୁ କୁହାଯାଏ ?

(କ) ଗୋଟିଏ ବାକ୍ୟରେ ପ୍ରଥମ ପଦ ସହ ଶେଷ ପଦର ସମ୍ପର୍କ

(ଖ) ଗୋଟିଏ ବାକ୍ୟରେ ସମସ୍ତ ପଦ ସହ ସମ୍ପର୍କ

(ଗ) ଗୋଟିଏ ବାକ୍ୟରେ ପୂର୍ବ ପଦ ସହ ପରପଦର ସମ୍ପର୍କ

(ଘ) ଗୋଟିଏ ବାକ୍ୟରେ ପଦ ଓ ଅର୍ଥ ମଧ୍ୟରେ ସମ୍ପର୍କ

(ଗ) ଆସତ୍ତି କହିଲେ କ'ଣ ବୁଝ ?

(କ) ଅର୍ଥ ସଂହତି (ଖ) ଅର୍ଥ ଅସଂହତି (ଗ) ଅର୍ଥ ସଂକୋଚନ (ଘ) ଅର୍ଥ ପରିବର୍ତ୍ତନ

(ଘ) ସରଳ ବାକ୍ୟରେ କେତେଗୋଟି ସମାପିକା କ୍ରିୟା ବ୍ୟବହୃତ ହୁଏ ?

(କ) ଦୁଇଟି (ଖ) ତିନୋଟି (ଗ) ଗୋଟିଏ (ଘ) କେଉଁଟି ବି ନୁହେଁ

(ଙ) ଉତ୍କଳ- କମଳା- ବିଳାସ-ଦୀର୍ଘିକା

ମରାଳ ମାଳିନୀ ନୀଳାମ୍ବୁ ଚିଲିକା। - ଏହା କେଉଁ ଛନ୍ଦରେ ରଚିତ ?

(କ) ଏକାନ୍ତର ମିତ୍ରାକ୍ଷର ଛନ୍ଦ (ଖ) ଅପୂର୍ଣ୍ଣ ମିତ୍ରାକ୍ଷର

(ଗ) ପୂର୍ଣ୍ଣ ମିତ୍ରାକ୍ଷର (ଘ) ଅମିତ୍ରାକ୍ଷର

(ଚ) ଭ୍ରୁଭଙ୍ଗିରେ ଯା'ଙ୍କ କମ୍ପିଲା ଭୂତଳ'

ମକ୍ଷି ତଡ଼ିବାକୁ' ଏବେ ନାହିଁ ବେଳ। - ଏହା କେଉଁ ଛନ୍ଦରେ ରଚିତ ?

(କ) ବଙ୍ଗଳାଶ୍ରୀ (ଖ) ରସକୂଲ୍ୟା (ଗ) ବିଭାସ କେଦାର (ଘ) ଗୁର୍ଜରୀ

(ଛ) ଚଉତିଶା କାହାକୁ କୁହାଯାଏ ?

(କ) 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର କ୍ରମରେ ପଦ୍ୟ ରଚନା।

(ଖ) 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର କ୍ରମରେ ଶବ୍ଦ ରଚନା।

(ଗ) 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର କ୍ରମରେ କାବ୍ୟ ରଚନା।

(ଘ) 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର କ୍ରମରେ ଗଦ୍ୟ ରଚନା।

(ଜ) ଅହି ମକର ତାପ ନାଶେ ଶୋଭା ସାରସ ଚକ୍ରେ

ଅହିମକର ତାପ ନାଶେ ଶୋଭା ସାରସ- ଚକ୍ରେ। ଏହା କେଉଁ ଅଳଙ୍କାର ?

(କ) ପ୍ରାନ୍ତ ଯମକ (ଖ) ମଧ୍ୟଯମକ (ଗ) ଆଦ୍ୟ ଯମକ (ଘ) ସର୍ବ ଯମକ

(ଝ) ବାବୁ ନାକଗିରୀ ଯୋଗ୍ୟ ଯୋଷାକୁ

ବିହର କାନନ କର ଆଲିଙ୍ଗନକୁ। - ଏହା କେଉଁ ଅଳଙ୍କାର ?

(କ) ଅଭଙ୍ଗ ଶ୍ଲେଷ (ଖ) ଭଙ୍ଗାଭଙ୍ଗ ଶ୍ଲେଷ (ଗ) ସଭଙ୍ଗ ଶ୍ଲେଷ (ଘ) କେଉଁଟିବି ନୁହେଁ।

(ଞ) ଅନୁପ୍ରାସ ଅଳଙ୍କାର କେତେ ଭାଗରେ ବିଭକ୍ତ ?

(କ) ଦୁଇ ଭାଗରେ (ଖ) ତିନି ଭାଗରେ (ଗ) ଚାରି ଭାଗରେ (ଘ) ପାଞ୍ଚ ଭାଗରେ

## 'ଖ' ବିଭାଗ

ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକଟି ୫୦ଟି ଶବ୍ଦ ମଧ୍ୟରେ)

ପ୍ରଶ୍ନ -୨: ୫X୪=୨୦

(କ) ଜଟିଳ ବାକ୍ୟ କାହାକୁ କୁହାଯାଏ ?

(ଖ) ଚଉତିଶାର ଗଠନ କୌଶଳ ସମ୍ପର୍କରେ ଲେଖ।

(ଗ) ଚମ୍ପୂର ବୈଶିଷ୍ଟ୍ୟ ଦର୍ଶାଅ।

(ଘ) ଭଜନ କାହାକୁ କୁହାଯାଏ ?

(ଙ) ଶବ୍ଦାଳଙ୍କାର କହିଲେ କ'ଣ ବୁଝ ?

(ଚ) କୋଇଲି କହିଲେ କ'ଣ ବୁଝ ?

## 'ଗ' ବିଭାଗ

ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକଟି ୨୦୦ ଶବ୍ଦ ମଧ୍ୟରେ)

ପ୍ରଶ୍ନ -୩: ୧୦X୪=୪୦

(କ) ଉଦ୍ଦେଶ୍ୟ ଓ ବିଧେୟ ବାକ୍ୟ ଗଠନରେ କେଉଁ ଭୂମିକା ଗ୍ରହଣ କରନ୍ତି, ଆଲୋଚନା କର।

(ଖ) ବାକ୍ୟରେ ବ୍ୟବହୃତ ଚିହ୍ନ ଗୁଡ଼ିକ ସମ୍ପର୍କରେ ଯାହା ଜାଣ ଲେଖ।

(ଗ) ଛନ୍ଦର ସଂଜ୍ଞା, ସ୍ୱରୂପ ଓ ବିଭାଗୀକରଣ ଦର୍ଶାଅ।

(ଘ) ଶବ୍ଦାଳଙ୍କାର କାହାକୁ କୁହାଯାଏ, ଉଦାହରଣ ସହ ବୁଝାଅ।

(ଙ) ଭଜନ ଓ ଜଣାଣ ମଧ୍ୟରେ ଥିବା ପାର୍ଥକ୍ୟ ଆଲୋଚନା କର।

(ଚ) ଚଉତିଶାର ବିଭାଗୀକରଣ ଉଦାହରଣ ସହ ଆଲୋଚନା କର।

## 'ଘ' ବିଭାଗ

ଯେକୌଣସି ୨ଟି ପ୍ରଶ୍ନର ଉତ୍ତର ଲେଖ। (ପ୍ରତ୍ୟେକଟି ୨୫୦ ଶବ୍ଦ ମଧ୍ୟରେ)

୧୫X୨=୩୦

ପ୍ରଶ୍ନ -୪: ବାକ୍ୟର ବିଭାଗୀକରଣ ଦର୍ଶାଇ ଉଦାହରଣ ସହ ଏହାର ବୈଶିଷ୍ଟ୍ୟ ଆଲୋଚନା କର।

ପ୍ରଶ୍ନ -୫: ଅଳଙ୍କାରର ସଂଜ୍ଞା, ସ୍ୱରୂପ ଓ ବିଭାଗୀକରଣ ଉଦାହରଣ ସହ ଦର୍ଶାଅ।

ପ୍ରଶ୍ନ -୬: ଚମ୍ପୂର ସଂଜ୍ଞା ଓ ସ୍ୱରୂପ ଆଲୋଚନା କର।

ପ୍ରଶ୍ନ -୭: ଚଉତିଶା ସାହିତ୍ୟ ସଂପର୍କରେ ଯାହା ଜାଣ ଲେଖ।

***